# ସମାଜ

## ତାରିଖ: ୧୭.୦୭.୨୦୧୭

# ବି.ଆଇ.ଆଇ.ଟିଏମ୍‌ରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର : ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟରେ 'ଡିଜିଟାଇଜେସନ ଅଫ୍ ବିଜିନେସ ଆଣ୍ଡ ଗଭର୍ଣ୍ଣାନ୍ସ ଟୁୱାର୍ଡସ ମେକିଂ ଏ ନ୍ୟୁ ଇଣ୍ଡିଆ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।



ଉଦ୍‌ଘାଟନ ଉତ୍ସବରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ଡିନ୍ ପ୍ରଫେସର ଡା. ଅନୁପକୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖାର ଫାଇନାନ୍‌ସିଆଲ ଲିଟରେସି ମୁଖ୍ୟ ଭବନ ମୋହନ ବସ୍ତିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ଅଭିଜ୍ଞତାକୁ ଭିତ୍ତିକରି ଗ୍ରାମାଞ୍ଚଳରେ ମୋବାଇଲ ଆପ୍ ବ୍ୟବହାରରେ ରହିଥିବା ପ୍ରତିବନ୍ଧକକୁ କିପରି ଦୂର କରାଯିବ ସେଥିପାଇଁ ମତାମତ ରଖିଥିଲେ । ଏହି ଆଲୋଚନାଚକ୍ରରେ ବିଭିନ୍ନ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରୁ ୫୦ଜଣ ଶିକ୍ଷକ ଓ ପିଏଚ୍‌ଡି ଛାତ୍ର ଯୋଗଦେଇଥିଲେ । ଏଥିରେ ୨୫ଟି ସନ୍ଦର୍ଭ ପାଠ କରାଯାଇଥିଲା ଓ ବିଆଇଆଇଟିଏମ୍ ତରଫରୁ ଶ୍ରେଷ୍ଠ ସନ୍ଦର୍ଭଙ୍କୁ ପୁରସ୍କୃତ କରାଯାଇଥିଲା ।